# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୧୧.୨୦୨୨ ରିଖ

ସମୟ-ଅପରାହ୍ନ ଘ.୧୨.୩୦ ମିନିଟ୍
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପଙ୍କଜା ପ୍ରିୟଦର୍ଶିନୀ ଜେନା,
୩. ଶ୍ରୀମତୀ ଜୟନ୍ତୀ ସାହୁ,
୪. ଶ୍ରୀମତୀ ସମିତା ମହାନ୍ତି,
୫. ଶ୍ରୀ ଶ୍ରୀଧର ବେହେରା,
୬. ଶ୍ରୀ ସନ୍ତୋଷ କୁମାର ସିଂହ,
୭. ସେକ୍ ନୁରହାସନ୍

ଅଦ୍ୟ ତା ୨୧.୧୧.୨୦୨୨ ରିଖ ଅପରାହ୍ନ ଅପରାହ୍ନ ଘ.୧୨.୩୦ ମିନିଟ୍ ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅମରେଶ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଠିକାଦାରମାନେ ୧୪.୯୯ % କମ୍‌ରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ନିବିଦା ପକାଇ କାର୍ଯ୍ୟ ନେଉଛନ୍ତି, କିନ୍ତୁ ନିର୍ଦ୍ଧାରିତ ସମୟ ମଧରେ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିପାରୁନାହାଁନ୍ତି, ସେହି କାର୍ଯ୍ୟ ଗୁଡ଼ିର ନଥି କମିଟିରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଯେଉଁ ଠିକାଦାରମାନେ ଅଟକଳ ମୂଲ୍ୟ ଠାରୁ ୧୪.୯୯ % କମ୍‌ରେ ଉନ୍ନୟନମୂଳକ କାର୍ଯ୍ୟ ନେଉଛନ୍ତି, ସେମାନେ କେଉଁଭଳି ଭାବେ quoted price ର କାର୍ଯ୍ୟ ସମ୍ପାଦନ କରିବେ ତାହାର justification ବି ଏମ୍ ସି କାର୍ଯ୍ୟାଳୟରେ submit କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ମାନନୀୟା ମେୟର, କମିଶନର, କର୍ପୋରେଟର ଲୋକମାନଙ୍କୁ ଯେଉଁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି ତାହାର ପ୍ରୋଜେକ୍ଟ ପ୍ରପୋଜାଲ୍ ସହିତ କେବେ କାର୍ଯ୍ୟ ସମ୍ପାଦନ ହେବ ତାହା ଲିଖିତ ପ୍ରତିଶ୍ରୁତି ସମ୍ପୃକ୍ତ ଅଭିଯୋଗକାରୀ ଏବଂ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କୁ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଠିକାଦାରମାନେ ଯେଉଁ କାର୍ଯ୍ୟ ସମ୍ପୂର୍ଣ୍ଣ କରୁଛନ୍ତି, ସେହି କାର୍ଯ୍ୟର ବିଲ୍ ଏକ ନିର୍ଦ୍ଦିଷ୍ଟ ସମୟ ମଧରେ ପୈଠ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଅମରେଶ ଜେନା
ସଭାପତି
ତା ୨୧.୧୧.୨୦୨୨ ରିଖ